# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**04th July – 2026**

**************************************

## ମୁଖ୍ୟ ସମ୍ବାଦ

- ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବ ସଂସଦର ମୌସୁମୀ ଅଧିବେଶନ ।
- ସରକାରଙ୍କ ସହ ଆଲୋଚନା ପରେ ଡାକ୍ତର ଆନ୍ଦୋଳନ ସ୍ଥଗିତ ।
- ପୁରୀ ଶ୍ରୀମନ୍ଦିର ଗର୍ଭଗୃହ ବୈଷୟିକ ଯାଞ୍ଚ ଆସନ୍ତା ୧୮ ତାରିଖରେ ଅନୁଷ୍ଠିତ ହେବା ନେଇ ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି ।

ଏବଂ

- ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ନେଇ ଅନୁମାନ କରିଛି ପାଣିପାଗ ବିଭାଗ ।

*News Pool*

## ସଂସଦ ଅଧିବେଶନ

ସଂସଦର ମୌସୁମୀ ଅଧିବେଶନ ଆସନ୍ତା ୨୦ ତାରିଖରେ ଆରମ୍ଭ ହେବ । ଏ ସମ୍ପର୍କରେ ସୂଚନା ଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ’ ସରକାରଙ୍କ ଏ ସଂକ୍ରାନ୍ତ ପ୍ରସ୍ତାବକୁ

ଅନୁମୋଦନ କରିଛନ୍ତି । ଆସନ୍ତା ମାସ ୧୩ ତାରିଖ ପର୍ଯ୍ୟନ୍ତ ଅଧିବେଶନ ଚାଲିବ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ରିଜିଜୁ କହିଛନ୍ତି, ଅଧିବେଶନ କାଳରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏବଂ ବିଲ୍ ଉପରେ ଆଲୋଚନା ହେବା ସହ ନିଷ୍ପତ୍ତି ଗ୍ରହଣ କରାଯିବ ।

***News Pool***

# ପିଆଜ ମୂଲ୍ୟ

ପିଆଜର କୁଇଣ୍ଟାଲ୍ ପିଛା କ୍ରୟମୂଲ୍ୟ ସରକାର ବୃଦ୍ଧି କରିଛନ୍ତି । ୧ ହଜାର ୮୭୫ ଟଙ୍କାରୁ ଏହା ବୃଦ୍ଧି ପାଇ ୨ ହଜାର ୧୨୫ ଟଙ୍କା ହୋଇଛି । ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ କହିଛି, ସଂଶୋଧିତ କ୍ରୟମୂଲ୍ୟ ଆଜିଠାରୁ ଲାଗୁ ହୋଇଛି । କୁଇଣ୍ଟାଲ୍ ପିଛା ଦର ୧୩ ପ୍ରତିଶତ ବୃଦ୍ଧି ପାଇଛି । ଏହି ବର୍ଦ୍ଧିତ କ୍ରୟମୂଲ୍ୟ ଚାଷୀଙ୍କୁ ଆର୍ଥିକ ସୁଫଳ ପ୍ରଦାନ କରିବା ସହିତ ପିଆଜର ମହଜୁଦ ପରିମାଣ ମଧ୍ୟ ବୃଦ୍ଧି ପାଇବ । ଜାତୀୟ କୃଷି ସମବାୟ ବିପଣନ ମହାସଂଘ ଲିମିଟେଡ୍ - ନାଫେଡ୍ ଏବଂ ଜାତୀୟ ସମବାୟ ଉପଭୋକ୍ତା ମହାସଂଘ ଲିମିଟେଡ୍ - ଏନ୍.ସି.ସି.ଏଫ୍. ମାଧ୍ୟମରେ ଏବେ ପିଆଜ କ୍ରୟ ପ୍ରକ୍ରିୟା ଜାରି ରହିଥିବା ମନ୍ତ୍ରଣାଳୟ ସୂଚନା ଦେଇଛି । କୃଷି ଓ କୃଷକ କଲ୍ୟାଣ ବିଭାଗର ଆକଳନ ଅନୁଯାୟୀ ପିଆଜ ଉତ୍ପାଦନ ୩୦୭ ଲକ୍ଷ ଟନ୍‌ରୁ ଅଧିକ ହେବ । ପିଆଜ ରପ୍ତାନୀ ସ୍ୱାଭାବିକ

ରହିଥିବାବେଳେ ଗତ ଜୁନ୍ ମାସରେ ୧ ଲକ୍ଷ ୫୦ ହଜାର ଟନ୍ ପିଆଜ ରପ୍ତାନୀ ହୋଇଥିବା ଜଣାପଡ଼ିଛି ।

***HS***

## ଡାକ୍ତର ଆନ୍ଦୋଳନ ସ୍ଥଗିତ

ରାଜ୍ୟରେ ଚାଲିଥିବା ଡାକ୍ତରଙ୍କ ଆନ୍ଦୋଳନ ସ୍ଥଗିତ ରହିଛି । ଭୁବନେଶ୍ୱର ରାଜ୍ୟ ସଚିବାଳୟଠାରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏବଂ ଡାକ୍ତର ପ୍ରତିନିଧିମଣ୍ଡଳୀଙ୍କ ମଧ୍ୟରେ ଆଲୋଚନା ପରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ବୈଠକ ପରେ ଏ ସମ୍ପର୍କରେ ସୂଚନା ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମହାଲିଙ୍ଗ କହିଛନ୍ତି, ଆନ୍ଦୋଳନରତ ଡାକ୍ତରମାନେ ଆଜିଠାରୁ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଆଲୋଚନା ବେଶ୍ ଫଳପ୍ରଦ ହୋଇଛି । ଓମ୍‌ସା'ର ୧୦ଦଫା ଦାବି ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିବା ସେ କହିଛନ୍ତି । ଦାବି ସମ୍ପର୍କରେ ଅଧିକ ବିଚାରବିମର୍ଶପାଇଁ ଅର୍ଥ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ଆସନ୍ତା ୨୨ ତାରିଖରେ କମିଟିର ପ୍ରଥମ ବୈଠକ ବସିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ।

***Voice (Mahaling)*** :……

*HS*

# ଆବାସ କାର୍ଯ୍ୟାଦେଶ ବଣ୍ଟନ

ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରାଞ୍ଚଳ ଦ୍ୱିତୀୟ ପର୍ଯ୍ୟାୟ ଅଧୀନରେ ବାରିପଦା ପୌରପାଳିକାର ୬୧ ଜଣ ହିତାଧିକାରୀଙ୍କୁ କାର୍ଯ୍ୟଦେଶ ହସ୍ତାନ୍ତର କରାଯାଇଛି । ପୌରପାଳିକାରେ ଆୟୋଜିତ ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଏହି କାର୍ଯ୍ୟାଦେଶ ପ୍ରଦାନ କରିଛନ୍ତି । ସମାବେଶକୁ ସମ୍ବୋଧନ କରି ଡକ୍ଟର ମହାପାତ୍ର କହିଛନ୍ତି, ଗରିବ ଏବଂ ମଧ୍ୟବିତ୍ତ ପରିବାରଙ୍କ ଜୀବନଶୈଳୀରେ ଉନ୍ନତି ଆଣିବାକୁ ସରକାର ପ୍ରାଥମିକତା ଦେଉଛନ୍ତି । ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଏହି ଯୋଜନାର ସୁଫଳ ପହଞ୍ଚାଇବାକୁ ସରକାର ପ୍ରୟାସ ଜାରି ରଖିଛନ୍ତି ବୋଲି ସେ କହିଛନ୍ତି ।

*Ganjam/R*

# ଅମୃତ ଭାରତ ଏକ୍ସପ୍ରେସ୍

ବ୍ରହ୍ମପୁର–ଉଧାନା ଅମୃତ ଭାରତ ଏକ୍ସପ୍ରେସ୍ ଆସନ୍ତା ସୋମବାରଠାରୁ ନିୟମିତ ଚଳାଚଳ କରିବ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ଯାତ୍ରାର ଶୁଭାରମ୍ଭ କରିବେ। ପୂର୍ବରୁ ଏହି ଏକ୍ସପ୍ରେସ୍ ଟ୍ରେନ୍ ସପ୍ତାହକୁ ଥରେ ଏବଂ

ପରେ ତିନିଦିନ ଚଳାଚଳ କରୁଥିଲା। ତେବେ ଜିଲ୍ଲାର ପ୍ରାୟ ୮ ଲକ୍ଷରୁ ଅଧିକ ଲୋକ ରାଜ୍ୟ ବାହାରେ ବିଶେଷ କରି ସୁରତରେ କାମ କରୁଥିବାରୁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରେଳବୋର୍ଡ ପକ୍ଷରୁ ବ୍ରହ୍ମପୁର–ଉଧାନା ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌କୁ ପ୍ରତିଦିନ ଚଳାଚଳ କରିବା ଲାଗି ନିଷ୍ପତ୍ତି ନିଆଯାଇଛି।

***Rayagada/R***

## ମାଓ ସାମଗ୍ରୀ ଜବତ

ରାୟଗଡ଼ା ଜିଲ୍ଲା ଅମ୍ବାଦୋଳା ଥାନା ଅନ୍ତର୍ଗତ ରଘୁବାରି ସଂରକ୍ଷିତ ଜଙ୍ଗଲରୁ ବିପୁଳ ମାଓ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି । ସି.ଆର୍.ପି.ଏଫ୍., ଡି.ଭି.ଏଫ୍. ଏବଂ ଏସ୍.ଓ.ଜି. ଯବାନଙ୍କ ମିଳିତ ତଲାସୀ ଅଭିଯାନବେଳେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଗଚ୍ଛିତ ରହିଥିବା ଏହି ସାମଗ୍ରୀଗୁଡ଼ିକୁ ଜବତ କରାଯାଇଛି । ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ସୂଚନା ଆଧାରରେ ଏହି ତଲାସୀ ଅଭିଯାନ କରାଯାଇଥିଲା । ଜବତ ସାମଗ୍ରୀ ମଧ୍ୟରେ ଷ୍ଟେନ୍‌ଗନ୍, ରାଇଫଲ୍, ଅଫୁଟା ଗୁଳି, ମାଗାଜିନ୍, ଗନ୍ ପାଉଡର୍ ଆଦି ରହିଛି ।

*Puri/R*

# ଶ୍ରୀମନ୍ଦିର - ବୈଷୟିକ ଯାଞ୍ଚ୍

ପୁରୀ ଶ୍ରୀମନ୍ଦିର ଗର୍ଭଗୃହ ବୈଷୟିକ ଯାଞ୍ଚ୍ ଆସନ୍ତା ୧୮ ତାରିଖରେ ଅନୁଷ୍ଠିତ ହେବ । ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଆଜି ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ମନ୍ଦିରରେ ସଫାସୁତରା କାର୍ଯ୍ୟ ସହ ନାଟମଣ୍ଡପ ଓ ଭୋଗମଣ୍ଡପର ଯାଞ୍ଚ୍ ତଥା ମରାମତି ଉପରେ ଏହି ଅବସରରେ ଗୁରୁତ୍ୱ ପ୍ରଦାନ କରାଯିବ । ଯାଞ୍ଚ୍ ପରେ ବୈଠକ ଅନୁଷ୍ଠିତ ହୋଇ କମିଟିର ପରାମର୍ଶ ଆଧାରରେ ପରବର୍ତ୍ତୀ ପଦକ୍ଷେପ ନେଇ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଶ୍ରୀମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ପ୍ରାଥମିକ ପର୍ଯ୍ୟାୟରେ ଦିଲ୍ଲୀ ଆଇ.ଆଇ.ଟି. ବିଶେଷଜ୍ଞଙ୍କ ଉପସ୍ଥିତିରେ ଏ.ଏସ୍.ଆଇ. ଓ ଶ୍ରୀମନ୍ଦିର କୋର୍ କମିଟି ସଦସ୍ୟଙ୍କୁ ନେଇ ଯୁଗ୍ମ ଯାଞ୍ଚ୍ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି ।

*Puri/R*

# ରଥଯାତ୍ରା - ସମୀକ୍ଷା ବୈଠକ

ପୁରୀ ଶ୍ରୀକ୍ଷେତ୍ର ଆଗାମୀ ରଥଯାତ୍ରାକୁ ଶୃଙ୍ଖଳିତ ତଥା ବ୍ୟବସ୍ଥିତ ଢଙ୍ଗରେ ସମ୍ପନ୍ନ କରିବା ଲକ୍ଷ୍ୟ ନେଇ ଆଜି ପୁରୀ ଆରକ୍ଷୀ ଅଧୀକ୍ଷକଙ୍କ

କାର୍ଯ୍ୟାଳୟଠାରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସୁରକ୍ଷା ବ୍ୟବସ୍ଥା, ଟ୍ରାଫିକ୍ ନିୟମାବଳୀ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଛି । ରଥଯାତ୍ରା ସମୟରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ମୋଟ୍ ୧୨ ହଜାରରୁ ଅଧିକ ପୁଲିସ୍ ମୁତୟନ କରାଯିବାକୁ ନିଷ୍ପତ୍ତି ହୋଇଛି । ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଖୁରାନିଆ କହିଛନ୍ତି :

***Voice (Khurania)*** :.......

ଏଥିସହ ଅନ୍ୟାନ୍ୟ ସୁରକ୍ଷା ସଂସ୍ଥା ମଧ୍ୟ ନିୟୋଜିତ ହେବେ । ବୈଠକରେ ଅତିରିକ୍ତ ପୁଲିସ୍ ମହାନିର୍ଦ୍ଦେଶକ ଆର୍.ପି. କୋଚେଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପୁଲିସ୍ ଅଧିକାରୀମାନେ ଉପସ୍ଥିତ ଥିଲେ ।

***Kendrapara/R***

# ରଥଯାତ୍ରା ପ୍ରସ୍ତୁତି

ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ଶ୍ରୀବଳଦେବଜିଉଙ୍କର ରଥଯାତ୍ରା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ରଘୁରାମ ଆର୍. ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନେତ୍ରୋତ୍ସବ, ନବଯୌବନ ବେଶ, ରଥଯାତ୍ରା ଏବଂ ବାହୁଡ଼ାଯାତ୍ରା ସମେତ ଠାକୁରଙ୍କ ବିଭିନ୍ନ ନୀତିକାନ୍ତି ନେଇ ଆଲୋଚନା ହୋଇଛି । ବିଦ୍ୟୁତ୍ ଓ ଜଳଯୋଗାଣ, ରାସ୍ତାଘାଟ ମରାମତି, ଜନସ୍ୱାସ୍ଥ୍ୟ ସମ୍ପର୍କିତ ପଦକ୍ଷେପ, ଅଗ୍ନି ନିର୍ବାପକ ବ୍ୟବସ୍ଥା

ଆଦି ବିଭିନ୍ନ ପ୍ରସଙ୍ଗ ନେଇ ବିଭାଗୀୟ ଅଧିକାରୀ ସେମାନଙ୍କ ପ୍ରସ୍ତୁତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ବୈଠକରେ ବିଧାୟକ ଗଣେଶ୍ୱର ବେହେରା, ଦୁର୍ଗାପ୍ରସନ୍ନ ନାୟକଙ୍କ ସମେତ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ ।

***Desk, Ganjam, Kdnahamal, Nayagarh, Jajpur, Kalahandi, Cuttack/R***

# ବନ ମହୋତ୍ସବ

ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ରାଜ୍ୟ ତଥା ଜିଲ୍ଲାସ୍ତରୀୟ ଆଇନସେବା ପ୍ରାଧିକରଣ ପକ୍ଷରୁ ଆଜି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଏବଂ ଚାରାରୋପଣ ଅନୁଷ୍ଠିତ ହୋଇଛି ।

ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଛି । କାର୍ଯ୍ୟକ୍ରମରେ ହାଇକୋର୍ଟର ମୁଖ୍ୟ ବିଚାରପତି ତଥା ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ମୁଖ୍ୟ ପୃଷ୍ଠପୋଷକ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ୍ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ହାଇକୋର୍ଟର ବିଚାରପତି ତଥା ଜିଲ୍ଲାସ୍ତରୀୟ ବିଚାର ବିଭାଗୀୟ ଅଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ଗଞ୍ଜାମ ଜିଲ୍ଲା ଛତ୍ରପୁର ତାଲୁକ ଆଇନସେବା କମିଟି ପକ୍ଷରୁ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା

ଦୌରାଜଜ୍ ପ୍ରଦୀପ କୁମାର ସାମଲଙ୍କ ପୌରୋହିତ୍ୟରେ ସ୍ଥାନୀୟ ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଏହି ଉପଲକ୍ଷେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

କନ୍ଧମାଳ ଜିଲ୍ଲା କୋର୍ଟ ପରିସରରେ ଏହି ଅବସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ରାମଶଙ୍କର ହୋତା ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବିଚାର ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ ।

ନୟାଗଡ଼ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ମଧ୍ୟ ନୟାଗଡ଼ଠାରେ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ତଥା ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀଙ୍କ ପୌରୋହିତରେ ଚାରାରୋପଣ ସହ ଅନ୍ୟାନ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଯାଜପୁର ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବନ ମହୋତ୍ସବ ଅବସରରେ ଆଙ୍କୁଲାସ୍ଥିତ ନ୍ୟାୟିକ ବିଭାଗ କାର୍ଯ୍ୟାଳୟ ପରିସରରେ ଚାରାରୋପଣ କରାଯାଇଛି ।

କଳାହାଣ୍ଡି ଜିଲ୍ଲା ଆଇନସେବା ପ୍ରାଧିକରଣ ତତ୍ତ୍ୱାବଧାନରେ ଭବାନୀପାଟଣା ଅନ୍ତର୍ଗତ ଦୁଆରଶୁଣିସ୍ଥିତ ହାଇଟେକ୍ ପବ୍ଲିକ୍ ସ୍କୁଲ୍ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।

*Ganjam/R*

# ଆର୍.ସି.ଡି. - ସମୀକ୍ଷା ବୈଠକ

ଗଞ୍ଜାମ ଜିଲ୍ଲାରେ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ, ରାଜସ୍ୱ ଆଦାୟ, ଖାଦ୍ୟସାମଗ୍ରୀ ବଣ୍ଟନ ଆଦି ବିଭିନ୍ନ ଯୋଜନାର ସ୍ଥିତି ନେଇ ଦକ୍ଷିଣାଞ୍ଚଳ ଆର୍.ଡି.ସି. ସଂଗ୍ରାମ କେଶରୀ ମହାପାତ୍ର ସମୀକ୍ଷା କରିଛନ୍ତି । ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଶ୍ରୀ ମହାପାତ୍ର ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ତଥା ପ୍ରକଳ୍ପଗୁଡ଼ିକର ସ୍ଥିତି ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି ।

*Malkangiri/R*

# ସମୀକ୍ଷା

ମାଲକାନଗିରି ଜିଲ୍ଲାରେ ଜାରି ରହିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସ୍ଥିତି ନେଇ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ ସମୀକ୍ଷା କରିଛନ୍ତି । ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ କ୍ଷେତ୍ରିୟ ପରିଦର୍ଶନରେ ଯାଇ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବା ସହିତ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ତତ୍‌ସଂଲଗ୍ନ ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ରାଜ୍ୟରେ ଅଧିକ ସକ୍ରିୟ ହୋଇଛି । ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି । ବର୍ଷାଜନିତ ପରିସ୍ଥିତି ଉପରେ ସରକାର ତୀକ୍ଷ୍ଣ ନଜର ରଖିଛନ୍ତି ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ଅଧୀନସ୍ଥ ରାଜ୍ୟ ଜରୀରୀକାଳୀନ ପରିଚାଳନା କେନ୍ଦ୍ର ସୂଚନା ଦେଇଛି । ସବୁ ଜିଲ୍ଲା ସହ ଏଥିପାଇଁ ସମନ୍ୱୟ ରକ୍ଷା ମାଧ୍ୟମରେ ପଦକ୍ଷେପ ଗ୍ରହଣ କରାଯାଉଛି । ପ୍ରବଳ ବର୍ଷା ନେଇ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାକୁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଲଘୁଚାପ ପ୍ରଭାବରେ ପବନ ବହିବା ସହିତ ସମୁଦ୍ର ଅଶାନ୍ତ ରହୁଥିବାରୁ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବାପାଇଁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି ।

******